# Akashvani, Sambalpur

## SAMBALPURI NEWS EVENING BULLETIN

## 15 August 2026-7.02- 7.12 pm.

---

୧- ଦେଶ୍ ଆଏଜ୍ ୮୦ ତମ ସ୍ୱାଧୀନତା ଦିବସ୍ ପାଲନ୍ କରୁଛେ ।

- ଦିଲ୍ଲୀର୍ ଲାଲ୍‌କିଲ୍ଲା ନ ଜାତୀୟ ପତାକା ଉତୋଲନ୍ କରିକରି ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କଲେ ପ୍ରଧାନ୍‌ମନ୍ତ୍ରୀ ।

- ୨୦୪୭ ବିକଶିତ୍ ଭାରତ୍ ସପନ୍ ସାକାର୍ କର୍‌ବାର୍‌କେ ସଂକଳ୍ପବଦ୍ଧ ହେବାର୍ ଲାଗି ଦେଶ୍‌ବାସୀଙ୍କୁ ଦେଲେ ଆହ୍ୱାନ୍ ।

୨- ଭୁବ୍‌ନେଶ୍ୱର୍ ରାଜ୍ୟସ୍ତରୀୟ ସମାରୋହଥି ଜାତୀୟ ପତାକା ଉତୋଲନ୍ କଲେ ମୁଖ୍ୟମନ୍ତ୍ରୀ ।

- ଓଡ଼ିଶା ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ଥିବା ୬ ଟା ସୁଯୋଗ୍ ସୀମାକେ ଉଠାବାର୍ ଲାଗି କଲେ ଘୋଷ୍‌ନା ।

ଆଉର୍

୩- ଆଏବା ୨୪ ଘଂଟା ଭିତରେ ସମ୍ବଲ୍‌ପୁର୍, ସୁନ୍ଦରଗଡ଼୍, ଦେବ୍‌ଗଡ଼୍, ସହେତେ ୮ ଟା ଜିଲ୍ଲା ନ ଜବର୍ ବର୍ଷା ଲାଗି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ଅନୁମାନ୍ ।

ପି.ଏମ୍.-ସ୍ୱାଧୀନତା ଦିବସ ଆର୍ଏନ୍ୟୁ/ ସମ୍ବଲପୁର

ଦେଶ୍ ଆଏଜ୍ ୮୦ ତମ ସ୍ୱାଧୀନତା ଦିବସ୍ ପାଲନ୍ କରୁଛେ । ଦିଲ୍ଲୀର ଐତିହାସିକ୍ ଲାଲ୍‌କିଲ୍ଲା ନ ଆୟୋଜିତ୍ ଜାତୀୟସ୍ତରୀୟ ସମାରୋହଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କରିଛନ୍ । ଇ ଅବ୍‌ସରେ ଭାରତୀୟ ବାୟୁସେନାର୍ ୨ଟା ହେଲିକେପ୍ଟର୍‌ଥି ସମାରୋହ ଜାଗା ନ ଫୁଲ୍ ଝିଟାଯିବାର୍ ସହେତେ ୨୧ ତୋପ୍ ସଲାମୀ ଦିଆଯାଇଥିଲା ।

ଦେଶ୍‌ବାସୀଙ୍କୁ ଉଦ୍‌ବୋଧନ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ୨୦୪୭ ମସିହାତକ୍ ବିକଶିତ ଭାରତ୍ ଗଠନ୍ ଲାଗି ବଡ଼ ସପନ୍ ଦେଖିବାର୍ ସହେତେ ସଂକଳ୍ପ ନେବାର୍‌କେ ଆହ୍ୱାନ୍ ଦେଇଛନ୍ । ନୂଆଁ ସଂକଳ୍ପ ସହେତେ ଭାରତ୍ ଗୁଟେ ବିକଶିତ୍ ରାଷ୍ଟ୍ରଥି ପରିଣତ୍ ହେବାର୍ ଦିଗେ ଆଗ୍‌କେ ବଢୁଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଏଛେନ୍ ଫି’ ଭାରତୀୟ ମେକ୍ ଇନ୍ ଇଣ୍ଡିଆ ଆର୍ ଭୋକାଲ୍ ଫର୍ ଲୋକାଲ୍ ଭାବନା ସହେତେ ଦେଶର୍ ପ୍ରଗତିଥି ନିଜ୍‌କେ

ସାମିଲ୍ କରିଛନ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଶିକ୍ଷାକ୍ଷେତ୍ର ଉପ୍‌ରେ ଜୋର୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗଲା ୧୦ ନୁ ୧୨ ବଛର୍ ଭିତ୍‌ରେ ଦେଶେ ୬ ଶହ ୫୦ ଟା ନୂଆଁ ବିଶ୍ୱବିଦ୍ୟାଲୟ ତିଆର୍ ହେଇଛେ । ୨୦୧୪ ମସିହା ଆଘୋନୁ ଦେଶେ ୪ ଶହ ଟା ମେଡ଼ିକାଲ୍ ସିଟ୍ ଥିବାର୍ ବେଲେ ଏଛେନ୍ ଇଟା ବଢ଼ିକରି ୮ ଶହ ୫୦ ଟା ହେଇପାରିଛେ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଦେଶେ ମଧ୍ୟବିତ ପରିବାର୍ ଉପ୍‌ରେ କୋଚିଂ କ୍ଲାସ୍ ଗୁଟେ ବଡ଼ ବୋଝ ବାଗିର୍ ଦେଖାଦେଇଛେ । ଇଥିର୍‌ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ ପରୀକ୍ଷା ଲାଗି ମାହାଲିଆ ଅନ୍‌ଲାଇନ୍ କୋଚିଂ କ୍ଲାସ୍ ଯୁଗେଇ ଦେବାର୍‌କେ ବ୍ୟବସ୍ଥା କରାଯାଇଛେ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-କୋଚିଂ କ୍ଲାସ୍)

କ୍ରୀଡ଼ା ପ୍ରତିଭା ଉପ୍‌ରେ ଜୋର୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗାଁ ଆଉ ସହର୍ ସ୍ତର୍‌ଥି ପ୍ରତିଭା ଉନ୍ମେଷ କାର୍ଯ୍ୟକ୍ରମ୍ ମୁଲ୍ କରାଯିବା । ୫ ନୁ ୧୫ ବଛର୍ ବୟସର୍ ପିଲାଟୁକେଲ୍‌ମାନ୍‌କୁ ଇଥି ସାମିଲ୍ କରାଯିବା । ସେମାନ୍‌କର୍ ପ୍ରତିଭାକେ ଚିହ୍ନଟ୍ କରିକରି ଦେଶ୍‌କେ ପ୍ରତିନିଧିତ୍ୱ କର୍‌ବାର୍ ଲାଗି ଖାସ୍ ତାଲିମ୍ ଦିଆଯିବା ।

ପ୍ରଧାନ୍‌ମନ୍ତ୍ରୀ ସପ୍ତଧାରା ନାଁର୍ ୭ ଟା ଶକ୍ତିଧାରାକେ ଉପଯୋଗ୍ କର୍‌ବାର୍‌କେ ଦେଶର୍ ଲୁକ୍‌କୁ ଆହ୍ବାନ୍ ଦେଇଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ-ସପ୍ତଧାରା)

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଗଲା ୫ /୭ ଦଶନ୍ଧିଥି ଦେଶେ ୨୫ କୋଟି ଲୁକ୍‌କୁ ଗରିବ୍ ସୀମାରେଖାନୁ ଉପର୍‌କେ ଅନାଯାଇଥିବାର୍ ବେଲେ ଗଲା ଗୁଟେ ଦଶନ୍ଧିଥି ଶହେ କୋଟି ଲୁକ୍‌କୁ ସାମାଜିକ ସୁରକ୍ଷା ଯୁଗେଇ ଦିଆଯାଇଛେ । ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଅଧୀନ୍‌ଥି ଏଛେନ୍ ୭୦ ବଛର୍‌ନୁ ଅଏତ୍‌କା ବୟସର୍ ଲୁକ୍‌କୁ ଭିଲ୍ ସାମିଲ୍ କରାଯାଇ କରି ୫ ଲାଖ୍ ଟଙ୍କା ତକ୍ ମାହାଲିଆ ସ୍ୱାସ୍ଥ୍ୟସେବା ଦିଆଯାଉଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ସ୍ୱାଧୀନତା ଦିବସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍‌ର ମହାତ୍ମା ଗାନ୍ଧୀ ମାର୍ଗ ନ ହେଇଥିବା ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ସମ୍ମିଲିତ୍ ପରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଦେଶର୍ ସ୍ୱାଧୀନତା, ଅଖଣ୍ଡତା ଲାଗି ବଳିଦାନ୍

ଦେଇଥିବା ମହାନ୍ ସଂଗ୍ରାମୀନ୍‌କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ । ଶ୍ରୀ ମାଝୀ କହିଛନ୍, ଗୁଣାତ୍ମକ୍ ଶିକ୍ଷା ଜରିଏ ଯୁବଶକ୍ତିର୍ ବିକାଶ୍ କରିକରି ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍ ଲାଗି ସର୍‌କାର୍ ପ୍ରତିଶ୍ରୁତିବଦ୍ଧ । ଉଚ୍ଚଶିକ୍ଷାକେ ଆହୁରି ଜବର୍ କର୍‌ବାର୍ ଲାଗି ଉପାନ୍ତ ଜିଲ୍ଲା ନ ୧୮ ଟା ନୂଆଁ ସର୍‌କାରୀ ମହାବିଦ୍ୟାଳୟ ଆର୍ ୪ ଟା ନୂଆଁ ବିଶ୍ୱ ବିଦ୍ୟାଳୟ ନ ପ୍ରତିଷ୍ଠା କରାଯିବା ।

ରାଏଜେ ଶିକ୍ଷାକେ ଅଏତ୍‌କା ସୁଯୋଗ୍ ଆଉ ସାର୍ବଜୀନନ କର୍‌ବାର୍ ଲାଗି ଇ ଶିକ୍ଷା ବଛର୍‌ନୁ ୯ ଆର୍ ୧୦ ଶ୍ରେଣୀ ଛାତ୍ରଛାତ୍ରୀମାନ୍‌କୁ ମାହାଲିଆ ପଢ଼ା ବହି ଦିଆଯିବା । ଓଡ଼ିଶା ପ୍ରଶାସନିକ୍ ସେବା ପରୀକ୍ଷା ଲାଗି ଥିବା ୬ ଟା ସୁଯୋଗ୍ ସୀମାକେ ଉଠେଇ ଦିଆଯାଇଛେ । ଯେନ୍‌ଥିର୍‌ଲାଗି ଆଶାୟୀମାନେ ଧାରିଜ୍ ବୟସ ସୀମା ତକ୍ ପରୀକ୍ଷା ଦେଇପାର୍‌ବେ ବଲି ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ରାଜ୍ୟର୍ ସବୁ ଇଲାକାକେ ଜୁଡ଼୍‌ବାର୍ ଲାଗି ୩୧ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ୩ ଟା ପ୍ରମୁଖ ସଡ଼କ୍ ଭିତିଭୂମି ପ୍ରକଳ୍ପ ଲାଗି ସର୍‌କାର୍ ଯୋଜ୍‌ନା କରିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଜିଲ୍ଲା– ସ୍ୱାଧୀନତା ଦିବସ

ସମ୍ବଲପୁର/ ବଲାଙ୍ଗିର/ ବର୍‌ଗଡ଼୍/ ସୁବର୍ଣ୍ଣପୁର/ ଦେବ୍‌ଗଡ଼୍/ ଝାରସୁଗୁଡ଼ା/ ବୌଦ୍ଧ/ ନୂଆପଡ଼ା/ କଲାହାଣ୍ଡି

ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ସ୍ୱାଧୀନତା ଦିବସ୍ ପାଲନ୍ କରାଯାଇଛେ । କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଲାଲ୍‌ବାହାଦୂର୍ ଶାସ୍ତ୍ରୀ ପଡ଼ିଆଠାନେ ହେଇଥିବା ସମାରୋହଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ପତାକା ଉତୋଲନ୍ କରିକରି ମିଲିତ ପେରେଡ୍‌ର ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ସମ୍ବଲ୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ଠାନେ ହେଇଥିବା ସ୍ୱାଧୀନତା ଦିବସ୍ ସମାରୋହଥି ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗ୍ ଦେଇକରି ପତାକା ଉତୋଲନ୍ କର୍‌ବାର୍ ସହେତେ ପେରେଡ୍‌ର ଅଭିଭାବଦନ୍ ଗ୍ରହଣ୍ କରିଥିଲେ ।

ବଲାଙ୍ଗିର୍ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଯୋଗ୍‌ଦେଇକରି

ସହିଦ୍‌ମାନ୍‌କର୍ ବଲିଦାନ୍‌କେ ଆଏବା ପିଢ଼ି ସୋର୍ କର୍‌ବାର୍ ଲାଗି ଆହ୍ୱାନ୍ ଦେଇଥିଲେ ।

ବର୍‌ଗଡ଼୍ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ ଆଦିତ୍ୟ ଗୋଏଲ୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି  ଜିଲ୍ଲାର୍ ପଦ୍ମ ପୁରସ୍କାର୍ ଆଉ ଜାତୀୟସ୍ତର୍‌ଥି ପୁରସ୍କୃତ୍ ହେଇଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ୍ କରିଥିଲେ ।

ସୁବର୍ଣ୍ଣପୁର୍‌ର ରାମେଶ୍ୱର୍ ଷ୍ଟାଡ଼ିୟମ୍ ଠାନେ ହେଇଥିବା ସମାରୋହଥି ଜିଲ୍ଲାପାଲ୍ ନୃପରାଜ୍ ସାହୁ ଯୋଗ୍‌ଦେଇକରି ଦେଶର୍ ଅଖଣ୍ଡତା, ଜାତୀୟତା ଆଉ ସଂହତିକେ ସୁରକ୍ଷିତ୍ ରଖିବାର୍ ଲାଗି ଆହ୍ୱାନ୍ ଦେଇଛନ୍ ।

ଦେବ୍‌ଗଡ଼୍ ଜିଲ୍ଲା ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ହେଇଥିବା ସ୍ୱାଧୀନତା ଦିବସ୍ ସମାରୋହଥି ଜିଲ୍ଲାପାଲ୍ କବୀନ୍ଦ କୁମାର୍ ସାହୁ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ମିଳିତ ପେରେଡ୍‌ର ଅଭିଭାବଦନ୍ ଗ୍ରହଣ୍ କରିଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲା ମନ୍‌ମୋହନ୍ ସ୍କୁଲ୍ ପଡ଼ିଆ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସମାରୋହଥି ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି

ପତାକା ଉତୋଲନ୍ କର୍‌ବାର୍ ସହେତେ ମିଳିତ ପେରେଡ୍‌ର ଅଭିଭାବଦନ୍ ଗ୍ରହଣ୍ କରିଥିଲେ ।

ବୌଦ୍ଧ ଜିଲ୍ଲା ସଦର୍ ମହକୁମା ଷ୍ଟାଡ଼ିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସମାରୋହଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜାତୀୟ ପତାକା ଉତୋଲନ୍ କର୍‌ବାର୍ ସହେତେ ପେରେଡ୍‌ର ଅଭିଭାବଦନ୍ ଗ୍ରହଣ୍ କରିଥିଲେ ।

ନୂଆପଡ଼ା ଜିଲ୍ଲା ମିନିଷ୍ଟାଡ଼ିୟମ୍ ଠାନେ ହେଇଥିବା ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ୍ ସମାରେହଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ଜାତୀୟ ପତାକା ଉତୋଲନ୍ କରିକରି ମିଳିତ୍ ପେରେଡ୍‌ର ଅଭିଭାବଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍‌ସରେ ହେଇଥିବା ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ପ୍ରତିଯୋଗୀମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।

ପାଣିପାଗ/ବନ୍ୟା          ଆର୍‌ଏନ୍‌ୟୁ/ ସମ୍ବଲପୁର

ଝାର୍‌ଖଣ୍ଡ ଆର୍ ତାର୍ ପାଖର୍ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବାର ଅବପାତ ଆଏଜ୍ ଦୁର୍ବଲ ହେବାର ସମ୍ଭାବନା ଅଛେ । ଇତାର ପ୍ରଭାବଥି ଆଏବା ୨୪ ଘଂଟା ଭିତରେ ସମ୍ବଲ୍‌ପୁର୍,

ସୁନ୍ଦରଗଡ଼, ଦେବ୍‌ଗଡ଼୍, ସହେତେ ୮ ଟା ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚନା ଜାରି କରାଯାଇଛେ ।